ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/CEO(OD)/1051/15-01-2021

# ଜାତୀୟ ମତଦାତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ତା.୧୫/୦୧/୨୦୨୧

ରାଜ୍ୟସ୍ତରରେ ଏକାଦଶ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ୨୦୨୦ ମସିହାରେ ମହାମାରୀ କରୋନା ମଧ୍ୟରେ ରାଜ୍ୟର ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ସାଙ୍ଗକୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଓ ଭୋଟର ତାଲିକା ପ୍ରସ୍ତୁତି ଭଳି ଦୁଇଗୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସୁଚାରୁ ରୂପେ ସଂପାଦନ କରିଥିବାରୁ ଭାରତ ନିର୍ବାଚନ ଆୟୋଗ ଖୁସି ବ୍ୟକ୍ତ କରିଛନ୍ତି ।

ଆମ ଦେଶରେ ଚଳିତ ଜାନୁଆରୀ ୨୫ ତାରିଖରେ ଏକାଦଶ ଜାତୀୟ ମତଦାତା ଦିବସ ପାଳନ କରିବାକୁ ଯାଉଛି । ଜାତୀୟ ମତଦାତା ଦିବସ ପାଳନ ଅବସରରେ ନିର୍ବାଚନ ଆୟୋଗଙ୍କ ତରଫରୁ ଏ ବର୍ଷର ବିଷୟବସ୍ତୁ 'ଆମ ଭୋଟର ସଶକ୍ତ, ସତର୍କ, ନିରାପଦ ଓ ଜାଗ୍ରତ ଅଟନ୍ତି' ରଖାଯାଇଛି । ଆମ ରାଜ୍ୟର ରାଜ୍ୟସ୍ତରରେ, ଜିଲ୍ଲା ସ୍ତରରେ ଏବଂ ବୁଥ୍ ସ୍ତରରେ ଜାତୀୟ ମତଦାତା ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଛି । କୋଭିଡ୍ କଟକଣା ଯୋଗୁଁ ଏ ବର୍ଷ ଯେତେଦୂର ସମ୍ଭବ କମ ଲୋକଙ୍କୁ ନେଇ ଜାତୀୟ ମତଦାତା ଦିବସ ଭର୍ଚୁଆଲ୍ ମାଧ୍ୟମରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି ।

ଏହି ଦିବସରେ ନୂତନ ଭୋଟରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭୋଟରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଶପଥ ପାଠ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ପ୍ରତ୍ୟେକ ବୁଥସ୍ତରରେ ବିଏଲ୍ଓମାନେ ଉପସ୍ଥିତ ରହି ନୂତନ ଭୋଟରମାନଙ୍କୁ ଫଟୋ ପରିଚୟ ବଣ୍ଟନ କରିବା ସହ ଶପଥ ପାଠ କରାଇବେ । ଏ ବାବଦରେ ବୁଥ ପିଛା ୨୦୦ ଟଙ୍କା ଯୋଗାଇ ଦିଆଯିବ । ଅନୁରୂପ ଭାବେ ଜିଲ୍ଲା ସ୍ତରରେ ମଧ୍ୟ ନୂତନ ଭୋଟରମାନଙ୍କୁ ଶପଥ ପାଠ କରାଇବା ସହ ଫଟୋ ପରିଚୟ ପତ୍ର ବଣ୍ଟନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତିରେ ଉତ୍ତମ କାର୍ଯ୍ୟ କରିଥିବା ବିଏଲ୍ଓମାନଙ୍କୁ ଉକ୍ତ ଦିବସରେ ସମ୍ମାନିତ କରାଯିବ ବୋଲି ମଧ୍ୟ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି ।

ରାଜ୍ୟସ୍ତରରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଏଲ୍ଓ, ଇଆର୍ଓ ସର୍ବୋପରି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ, ବାଲେଶ୍ୱର ଏବଂ ଜଗତସିଂହପୁରଙ୍କୁ କୋଭିଡ୍ ମହାମାରୀ ସମୟରେ ସୁଚାରୁ ରୂପେ ଉପନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବାରୁ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି ।

ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ, ଭବାନୀ ପ୍ରସାଦ ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ଓ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଏଏସ୍ଇ ଇଦ୍ରିଶ୍ ଅଲ୍ଲି ଖାନ୍, ଏଏସ୍ଇ ରାମକୃଷ୍ଣା ଟୁଙ୍ଗା ଓ ଯୋଗେଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଫୁଲ୍ଲ କୁମାର ମଲ୍ଲିକ
ସୂଚନା ଅଧିକାରୀ